# ଆଜି ଅନୁଗୋଳରୁ ଜଣେ କରୋନା ପଜିଟିଭ ଚିହ୍ନଟ ।

## ପଜିଟିଭ ସଂଖ୍ୟା ୬୦ ରେ ପହଞ୍ଚିଲା ।

ଅନୁଗୋଳ,୨୫.୬ :- ଅନୁଗୋଳ ଜିଲ୍ଲା ଅନ୍ତର୍ଗତ କିଶୋରନଗର ବ୍ଲକ୍ ଅଂଚଳର ଏକ Home Quaraintine ରେ ଥିବା ଜନୈକ ୩୧ ବର୍ଷ ବୟସ୍କ ବ୍ୟକ୍ତିଂକର ଆଜି କରୋନା ପଜିଟିଭ ବାହାରିଛି । ଏହି ବ୍ୟକ୍ତି ଚଳିତ ମାସ ୧୮ ତାରିଖରୁ ଚେନାଇରୁ ଆସି Home Quaraintine ରେ ଥିଲେ । ତାଂକର କୌଣସି ଲକ୍ଷଣ ନଥାଇ ନମୁନା ପଜିଟିଭ ଜଣାପଡିବା ପରେ ଆଜି ତାଂକୁ ତାଳଚେର କୋଭିଡ ହସପିଟାଲକୁ ସ୍ଥାନାନ୍ତର କରାଯାଇଛି ବୋଲି ଜିଲ୍ଲାପାଳ ଶ୍ରୀ ମନୋଜ କୁମାର ମହାନ୍ତି ପ୍ରକାଶ କରିଛନ୍ତି । ଆଜିର ଏହି ଜଣେ ପଜିଟିଭକୁ ମିଶାଇ ଜିଲ୍ଲାରେ ସମୁଦାୟ ଆକ୍ରାନ୍ତଂକ ସଂଖ୍ୟା ୬୦ରେ ପହଞ୍ଚିଛି । ଆଜି ମଧ୍ୟ ୩ ଜଣ ସୁସ୍ଥ ହୋଇ କୋଭିଡ ହସପିଟାଲରୁ କୋଭିଡ କେୟାର ସେଣ୍ଟର ଆଦର୍ଶ ଆଇ ଟି ଆଇକୁ ସ୍ଥାନାନ୍ତର ହୋଇଛନ୍ତି । ବର୍ତ୍ତମାନ ଜିଲ୍ଲାରେ ସମୁଦାୟ ୪୫ ଜଣ ସୁସ୍ଥ ହେଲେଣି ।

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ,ଅନୁଗୋଳ ।

ଜ୍ଞାପକ ସଂଖ୍ୟା- ୪୧୦ ତା.୨୫.୬.୨୦୨୦

ଏହାର ଏକକିତା ନକଲ ସମସ୍ତ ଜିଲ୍ଲା ସ୍ତରୀୟ ସାମ୍ବାଦିକଙ୍କ ସଦୟ ଅବଗତି ଓ ଏହାର ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ଅନୁଗୋଳ ।